# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 September - 2024**

**News Editor : *Itishree Singh Rathaur***

---

# ବନ୍ଦେ ଭାରତ ରେଳ

ରାଜ୍ୟର ଗୋଟିଏ ଦୁଇଟି ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାକୁ ରେଳ ସଂଯୋଗ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖୁବ୍ ଶୀଘ୍ର ସବୁ ଜିଲ୍ଲା ସଦର ମହକୁମା ଏବଂ ଆଗାମୀ ଦିନରେ ଉପଖଣ୍ଡସ୍ତର ପର୍ଯ୍ୟନ୍ତ ରେଳ ସଂଯୋଗୀକରଣର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁର-ଟାଟାନଗର ବନ୍ଦେଭାରତ ଏକ୍ସପ୍ରେସ୍‌ରେ ଯାତ୍ରା କରିବା ଅବସରରେ ଗତକାଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟରେ ରେଳ ବିକାଶର ସୁବର୍ଣ୍ଣଯୁଗ ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ ରାଜ୍ୟରେ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଗତକାଲିଠାରୁ ଆରମ୍ଭ ହୋଇଥିବା ବେଳେ ଦୁର୍ଗ-ବିଶାଖାପଟନମ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଆଜିଠାରୁ ଚଳାଚଳ ଆରମ୍ଭ କରିବ । ଆଜିକୁ ମିଶାଇ ରାଜ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ସଂଖ୍ୟା ୬ରେ ପହଞ୍ଚିବ ।

---

# ପିଏମ୍-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଜନତା ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ଦିଆଯିବ ବୋଲି ରାଜ୍ୟ ସରକାର କହିଛନ୍ତି । ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୦ଲକ୍ଷରୁ ଅଧିକ ହିତାଧିକାରୀ ଆବେଦନ କରିଥିବା ଜଣାପଡ଼ିଛି ।

# ଆଧାର

କେନ୍ଦ୍ର ସରକାର ଆଧାର ସଂପର୍କିତ ସୂଚନା ମାଗଣାରେ ଅପ୍‌ଡେଟ୍ କରିବାର ସମୟସୀମାକୁ ବୃଦ୍ଧି କରିଛନ୍ତି । ପୂର୍ବରୁ ମାଗଣାରେ ଆଧାର ଅପ୍‌ଡେଟ୍ ସମୟସୀମା ଚଳିତମାସ ୧୪ ତାରିଖ ଥିଲା । ଏହାକୁ ଡିସେମ୍ବର ମାସ ୧୪ ତାରିଖ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟ ସୀମା ମଧ୍ୟରେ ଜନସାଧାରଣ ସେମାନଙ୍କର ନାମ, ଠିକଣା, ଜନ୍ମତାରିଖ ଭଳି ସୂଚନା ମାଗଣାରେ ଅପ୍‌ଡେଟ୍ କରିପାରିବେ ।

# ବିଶ୍ୱକର୍ମା ପୂଜା

କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ଆବିର୍ଭାବ ହୋଇଥିବାରୁ ଆଜି ଭକ୍ତି ଓ ନିଷ୍ଠାର ସହ ଶ୍ରୀ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରାଯାଉଛି । ବିଶ୍ୱକର୍ମାଙ୍କୁ ନିର୍ମାଣ ଏବଂ ସୃଜନର ଦେବତା ଭାବେ ପୂଜା

କରାଯାଇଥାଏ । ଧାର୍ମିକ ତଥ୍ୟ ଆଧାରରୁ ଜଣାଯାଏ ଯେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ୍ ବିଶ୍ୱ ଭୂବନ ନିର୍ମାଣ କରିଥିଲେ । ଦେବତାମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସ୍ୱର୍ଗର ଅମରାବତୀ ଶ୍ରୀ ବିଶ୍ୱକର୍ମାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତୀନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ଶ୍ରୀବିଶ୍ୱକର୍ମାଙ୍କ ଶ୍ରେଷ୍ଠ ନିର୍ମାଣର ନିଦର୍ଶନ ବୋଲି ପୁରଣଶାସ୍ତ୍ରରେ କୁହାଯାଇଛି ।

ବୈଷୟିକ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ଶିଳ୍ପାଞ୍ଚଳ ଏବଂ ଅନୁଷ୍ଠାନ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି ।

## ବାମନ ଜନ୍ମ

**ପୁରୀ** ଶ୍ରୀମନ୍ଦିରରେ ଗତକାଲି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ପାଳିତ ହୋଇଯାଇଛି । ପରିକ୍ରମା ସାରି ସମସ୍ତ ସେବକ ଗର୍ଭଗୃହକୁ ପ୍ରବେଶ କରିବା ପରେ ରତ୍ନ ସିଂହାସନରେ ବିଜେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନୂଆ ପଇତା ଲାଗି କରାଯାଇଥିଲା ।

# ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦ ସାହେବଙ୍କର ଆଜିର ଜନ୍ମଦିବସକୁ ପବିତ୍ର ଇଦ୍-ଏ-ମିଲାଦ ଉନ୍ ନବୀ ଭାବେ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ

ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଥାନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମନୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ  ମହମ୍ମଦ ଜୟନ୍ତୀ ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

---

# ମୁଖ୍ୟମନ୍ତ୍ରୀ- ବିକାଶ ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ବିକାଶ ମେଳା ଆୟୋଜନ ହେବ । ଏଥିରେ  ବିଭିନ୍ନ ବିଭାଗର ପ୍ରାୟ ୫୦ଟି ଷ୍ଟଲ ଖୋଲାଯିବ । ସୂଚନା ଅନୁସାରେ, ସରକାରଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ୧୦୦ ଦିନର ବିଭାଗୀୟ କାର୍ଯ୍ୟକଳାପ ଏବଂ ସଫଳତା ବିଷୟରେ ଏହି ମେଳା ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ।

---

# ପ୍ରାଥମିକ ସହାୟତା ଦିବସ

ଗଞ୍ଜାମ ଜିଲ୍ଲା କୁରାସ୍ଥିତ ରାମନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁବରେଡକ୍ରସ ପକ୍ଷରୁ ଗତକାଲି ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି । ଜରୁରୀ ପରିସ୍ଥିତିରେ ଲୋକଙ୍କୁ ପ୍ରାଥମିକ ସହାୟତା ପ୍ରଦାନ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି, ହୃଦ୍‌ରୋଗୀ, ସାପକାମୁଡ଼ା, ଅଂଶୁଘାତ ଓ ରକ୍ତସ୍ରାବ ଦ୍ୱାରା ପୀଡ଼ିତ ବ୍ୟକ୍ତିଙ୍କୁ ତ୍ୱରିତ

ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ତାଲିମ ପ୍ରଦାନ କରାଯାଇଥିଲା ।

## ସୁଭଦ୍ରା ଯୋଜନା

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ପରିସରରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ସମ୍ବିତ ପାତ୍ର ପ୍ରମୁଖ ଶୁଭାରମ୍ଭ କରିଛନ୍ତି । ଅନୁରୂପ ଭାବେ ଚିଲିକା ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସୁଭଦ୍ରା ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା ।

## ଗଣେଶ ବିସର୍ଜନ

**କଟକ** ସହରରେ ଗତକାଲିର ପ୍ରଥମ ପର୍ଯ୍ୟାୟ ଗଣେଶ ମୂର୍ତ୍ତି ଭସାଣିରେ ପ୍ରାୟ ୩୫୦ଟି ଗଣେଶମୂର୍ତ୍ତି ବିସର୍ଜନ କରାଯାଇଥିବା ଜଣାପଡ଼ିଛି । ଆସନ୍ତା ୨୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୨୯ ତାରିଖରେ ତୃତୀୟ ପର୍ଯ୍ୟାୟ ଶ୍ରୀଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଚଳିତବର୍ଷ କଟକ ସହରରେ ୧୨୫୦ରୁ ଅଧିକ ପୂଜାମଣ୍ଡପ ଓ କ୍ଲବଗୁଡ଼ିକରେ ଶ୍ରୀଗଣେଶଙ୍କ ପ୍ରତିମା ପୂଜା କରାଯାଇଥିଲା ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି । ଏହାର ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ସ୍ଥାନେ ସ୍ଥାନେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଏବଂ ଅନୁଗୁଳ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଭୋଗରାଇରେ ସର୍ବାଧିକ ୧୩୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ମଥାନୀ ରୋଡ୍ ଠାରେ ଜଳକା ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଜଣାପଡ଼ିଛି ।

............................................................................................